# NATIONAL NEWS BULLETIN (ODIA)

**1 October - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ୟୁପିଏସ୍‌ସିର ୧୦୦ ବର୍ଷର ଯାତ୍ରାରେ ବ୍ୟାପକ ପରିବର୍ତ୍ତନ ଘଟିଥିଲେ ମଧ୍ୟ ବିଶ୍ୱସନୀୟତା ଅତୁଟ ରହିଛି - କହିଲେ ପ୍ରଧାନମନ୍ତ୍ରୀ ।

- ଦେଶବ୍ୟାପୀ ଆଜିଠାରୁ କାର୍ଯ୍ୟକାରୀ ହେଲା ଜନ୍ମ ଓ ମୃତ୍ୟୁ ପଞ୍ଜିକରଣ ସଂଶୋଧନ ଆଇନ୍ ।

- ପାଇଲଟ କ୍ୟାପଟେନ୍ ସ୍ମିଥ୍ ମଚ୍ଛାରଙ୍କ ସାହସିକତାକୁ ଉଚ୍ଚ ପ୍ରଶଂସା କଲେ ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ।

- ସ୍ୱଚ୍ଛତା ହିଁ ସେବା ଅଭିଯାନ ଅଧୀନରେ ଦେଶବ୍ୟାପୀ ପାଳନ କରାଯାଉଛି 'ଏକ ଦିନ, ଏକ ଘଣ୍ଟା, ଏକସଙ୍ଗେ କାର୍ଯ୍ୟକ୍ରମ' ।

ଏବଂ

- ଏସୀୟ କ୍ରୀଡ଼ା ପ୍ରତିଯୋଗିତାରେ ପୁରୁଷ କ୍ରିକେଟ୍ ବର୍ଗରେ ଭାରତ-ପାକିସ୍ତାନ ମଧ୍ୟରେ ହେବ ଫାଇନାଲ ମ୍ୟାଚ୍ ।

# ପିଏମ୍-ୟୁପିଏସ୍‌ସି

କେନ୍ଦ୍ରୀୟ ଲୋକସେବା ଆୟୋଗ-ୟୁପିଏସ୍‌ସିର ୧୦୦ ବର୍ଷର ଯାତ୍ରାରେ ସରକାର, ପ୍ରଯୁକ୍ତିବିଦ୍ୟା ଏବଂ ପାଠ୍ୟକ୍ରମରେ ଓ ପିଢ଼ି ପରେ ପିଢ଼ି ପରିବର୍ତ୍ତନ ଘଟିଥିଲେ ମଧ୍ୟ ଏହି ସଂସ୍ଥା ପ୍ରତି ବିଶ୍ୱାସ ପୂର୍ବଭଳି ଅଟଳ ରହିଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ଆଜି ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ୟୁପିଏସ୍‌ସିର ଶତାବ୍ଦୀ ସମାରୋହକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ଯୁବବର୍ଗଙ୍କୁ ଜନସେବାରେ ସାମିଲ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଛନ୍ତି । ସରକାରୀ ପଦବୀ ପ୍ରତି ନୁହେଁ ବରଂ ଜନସେବା ପ୍ରତି ପ୍ରାଥମିକତା ପ୍ରଦାନ କରିବାକୁ ସେ ପରାମର୍ଶ ଦେଇଛନ୍ତି । ଏକବିଂଶ ଶତାବ୍ଦୀର ଭାରତ ଏକ ନୂତନ କର୍ମସଂସ୍କୃତି ସହିତ ବର୍ତ୍ତମାନ ଆଗକୁ ବଢୁଛି, ଯାହାର ମୂଳନୀତି ରହିଛି 'ଜନକଲ୍ୟାଣକାରୀ, ସକ୍ରିୟ ଏବଂ ସୁଶାସନ' ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି...

**V/O**

କାର୍ମିକ, ସାଧାରଣ ଅଭିଯୋଗ ଓ ପେନ୍‌ସନ ବିଭାଗ ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ କହିଛନ୍ତି ଯେ, ବିଗତ ୧୨ ବର୍ଷ ମଧ୍ୟରେ ୟୁପିଏସ୍‌ସି ଅନେକ ମାଇଲଖୁଣ୍ଟ ହାସଲ କରିଛି ଓ ଅନେକ ନୂତନ ଦିଗକୁ ଯୋଡ଼ିବାରେ ସହାୟକ ହୋଇଛି । ସେ କହିଛନ୍ତି ଏହି ଅନୁଷ୍ଠାନ ମାଧ୍ୟମରେ ସରକାରୀ ନିଯୁକ୍ତି ସଂଖ୍ୟା ବୃଦ୍ଧି ପାଇଛି । ନିଯୁକ୍ତି ପ୍ରକ୍ରିୟାରେ ସ୍ୱଚ୍ଛତା ଆସିଛି ଯାହା, ଜନସାଧାରଣଙ୍କ ବିଶ୍ୱାସକୁ ଆହୁରି ବଢ଼ାଇ ଦେଇଛି ବୋଲି ସେ କହିଛନ୍ତି । ଡକ୍ଟର ସିଂହ ଆହୁରି କହିଛନ୍ତି ଏନ୍‌ଡିଏର

୧୨ବର୍ଷର କାର୍ଯ୍ୟକାଳ ମଧ୍ୟରେ ୟୁପିଏସ୍‌ସି ମାଧ୍ୟମରେ ୬୫ହଜାର ନିଯୁକ୍ତି ସୃଷ୍ଟି କରାଯାଇଛି । ଫଳରେ ଏହି ଅନୁଷ୍ଠାନ ଦେଶ ଏବଂ ସମଗ୍ର ବିଶ୍ୱର ନିଯୁକ୍ତି ପ୍ରକ୍ରିୟା ସଂସ୍ଥାଗୁଡ଼ିକ ପାଇଁ ଏକ ଆଦର୍ଶ ସ୍ଥାନ ହାସଲ କରିପାରିଛି ।

ସୂଚନାଯୋଗ୍ୟ ୧୯୨୬ ମସିହାରେ ସ୍ଥାପିତ ୟୁପିଏସ୍‌ସିର ଶତବାର୍ଷିକୀ ପାଳନ ଗତବର୍ଷ ଅକ୍ଟୋବର ୧ ତାରିଖରୁ ଆରମ୍ଭ ହୋଇଥିଲା । ଆଜି ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ସ୍ମାରକୀ ଡାକଟିକଟ, ଷ୍ଟାମ୍ପ୍ ଏବଂ 100 Landmark Judgements- Shaping the Policies of UPSC and Public Service Commissions in India ନାମକ ଏକ ପୁସ୍ତକର ଉନ୍ମୋଚନ କରିଛନ୍ତି । କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ଭାଗରୁ ଅଂଶୀଦାରମାନେ ଯୋଗଦେବା ସହ ରାଜ୍ୟ ଲୋକସେବା ଆୟୋଗଗୁଡ଼ିକ୍‌ର ଅଧ୍ୟକ୍ଷ ଓ ସଦସ୍ୟ, ଭାରତ ସକାରାରଙ୍କ ଉଚ୍ଚପଦସ୍ଥ ଅଧିକାରୀ ଏବଂ ୟୁପିଏସ୍‌ସିର ଅଧିକାରୀ ଓ କର୍ମଚାରୀମାନେ ଭାଗ ନେଇଛନ୍ତି ।

## ଫ୍ଲାଏ - ଦୁବାଇ ଇନ୍‌ସିଡେଣ୍ଟ

ଦୁବାଇରୁ ଇସ୍ରାଏଲ୍‌ର ତେଲ୍ ଆଭିଭ୍ ଯାଉଥିବା ଏକ ବିମାନରେ ଓମାନ୍‌ର ସହ-ପାଇଲଟ୍ ଭାରତୀୟ କ୍ୟାପ୍‌ଟେନ୍ ସ୍ମିଥ୍ ମଚ୍ଛାର୍‌ଙ୍କୁ ଛୁରୀ ଭୂଷିଥିଲେ ମଧ୍ୟ ସେ ସାହସିକତା ପ୍ରଦର୍ଶନ କରି ବିମାନଯାତ୍ରୀଙ୍କୁ ସୁରକ୍ଷିତ ଭାବେ ନେବାରେ ସକ୍ଷମ ହୋଇଛନ୍ତି । ଫଳରେ ତାଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ

ମୁର୍ମୁ, ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଶଂସା କରିଛନ୍ତି ।

ରାଷ୍ଟ୍ରପତି କହିଛନ୍ତି ସ୍ମିଥ୍‌ଙ୍କର ଦୁଃସାହସିକ ପଦକ୍ଷେପ ଦେଶକୁ ଗର୍ବିତ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସେ ତାଙ୍କ ସାହସ ଓ ପ୍ରତିତ୍ପନ୍ନମତିତାକୁ ପ୍ରଶଂସା କରିଛନ୍ତି । ନିଜେ ଗଭୀରଭାବେ ଆଘାତପ୍ରାପ୍ତ ହୋଇଥିଲେ ମଧ୍ୟ ସେ ଅନ୍ୟମାନଙ୍କ ଜୀବନକୁ ବଞ୍ଚାଇ ପାରିଛନ୍ତି । ସେହିପରି ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ କହିଛନ୍ତି ଯେ, ଶ୍ରୀ ସ୍ମିଥ୍‌ଙ୍କ ସାହସ ଏବଂ ଉପସ୍ଥିତ ବୁଦ୍ଧି ଯୋଗୁଁ ଗୋଟେ ବଡ ବିପଦକୁ ଟାଳି ଦିଆଯାଇପାରିଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଉପରାଷ୍ଟ୍ରପତି କ୍ୟାପ୍‌ଟେନ୍ ସ୍ମିଥ୍‌ଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି । ତାଙ୍କର ଅସାଧାରଣ କାର୍ଯ୍ୟ ଦେଶପାଇଁ ଗର୍ବ ଆଣିଦେଇଛି ବୋଲି ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ କହିଛନ୍ତି ।

ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କ୍ୟାପ୍‌ଟେନ୍ ସ୍ମିଥ୍‌ଙ୍କ ପତ୍ନୀ ଓ ପିତାମାତାଙ୍କ ସହ ଫୋନ୍‌ଯୋଗେ କଥା ହୋଇଛନ୍ତି । ପ୍ରଧାନମନ୍ତ୍ରୀ କ୍ୟାପ୍‌ଟେନ୍ ସ୍ମିଥ୍‌ଙ୍କ ବୀରତ୍ୱକୁ ପ୍ରଶଂସା କରିଛନ୍ତି । କ୍ୟାପ୍‌ଟେନ୍ ସ୍ମିଥ୍‌ଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବା ଲାଗି ଭାରତୀୟ ମିଶନଗୁଡ଼ିକ ସମସ୍ତ ସମ୍ଭାବ୍ୟ ସହାୟତା ଯୋଗାଇ ଦେଉଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

**V/O**

# ଇଣ୍ଡିଆ ଇୟୁ ଏଫ୍‌ଟିଏ

ଖାଦ୍ୟସୁରକ୍ଷା, ଏ କ୍ଷେତ୍ରରେ ନିରନ୍ତରତା ଏବଂ ସହଭାଗିତାର ସହ କାର୍ଯ୍ୟ କରିବାକୁ ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପୀୟୁଷ ଗୋଏଲ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଆମେରିକାର ମିଲ୍‌ୱାକିଠାରେ ଜି-୨୦ ବାଣିଜ୍ୟ ମନ୍ତ୍ରୀସ୍ତରୀୟ ବୈଠକକୁ ସମ୍ବୋଧନ କରି ଶ୍ରୀ ଗୋଏଲ ଏହା କହିଛନ୍ତି । ବିଭିନ୍ନ ଦେଶର

ବୈଧ ଜାତୀୟ ପଦକ୍ଷେପଗୁଡ଼ିକ ଖାଦ୍ୟସୁରକ୍ଷା କ୍ଷେତ୍ରରେ ଦୁରୂପଯୋଗ ହେବା ନେଇ ଏହି ଅବସରରେ ମନ୍ତ୍ରୀ ଶ୍ରୀ ଗୋଏଲ ସତର୍କ କରାଇଛନ୍ତି ।

ବୈଠକ ଅବସରରେ ଶ୍ରୀ ଗୋଏଲ ଭାରତ, ୟୁରୋପୀୟ ସଂଘ, ମୁକ୍ତ ବାଣିଜ୍ୟ ଚୁକ୍ତିନାମା ସ୍ୱାକ୍ଷର ଏବଂ କାର୍ଯ୍ୟକାରୀତା ଦିଗରେ ଅଗ୍ରଗତି ନେଇ ସମୀକ୍ଷା କରିଛନ୍ତି । ୟୁରୋପୀୟ ବାଣିଜ୍ୟ ଓ ଅର୍ଥନୈତିକ ସୁରକ୍ଷା କମିଶନର ମାରୋସ ସେଫ୍‌କୋଭିକ୍‌ଙ୍କ ସହ ଶ୍ରୀ ଗୋଏଲ ସାକ୍ଷାତ୍ ଆଲୋଚନା କରିଛନ୍ତି । ଭାରତ ୟୁରୋପୀୟ ସଂଘ ବାଣିଜ୍ୟ ଓ ପ୍ରଯୁକ୍ତିବିଦ୍ୟା ପରିଷଦ, ବିଶ୍ୱ ବାଣିଜ୍ୟ ସଂଗଠନରେ ସଂସ୍କାର ଏବଂ ଜି-୨୦ ସଦସ୍ୟ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ସମାନତା ଉପରେ ପ୍ରାଥମିକତା ପ୍ରଦାନ ନେଇ ଉଭୟ ପକ୍ଷଙ୍କ ମଧ୍ୟରେ ମତ ବିନିମୟ ହୋଇଥିବା ଜଣାପଡିଛି । ଭାରତ ୟୁରୋପୀୟ ସଂଘ ମଧ୍ୟରେ ବାଣିଜ୍ୟ ଚୁକ୍ତି ନେଇ ଆଲୋଚନା ଗତ ଜାନୁଆରୀ ୨୭ ତାରିଖରେ ଶେଷ ହୋଇଥିଲା । ଇତିମଧ୍ୟରେ ୟୁରୋପୀୟ ସଂଘ ପରିଷଦ ନିକଟରେ ଚୁକ୍ତି କାର୍ଯ୍ୟକାରିତା ନେଇ ଅନୁମୋଦନ ପ୍ରଦାନ କରିବାକୁ ୟୁରୋପୀୟ କମିଶନ ପ୍ରସ୍ତାବ ଦାଖଲ କରିଛନ୍ତି ।

## ରେଜିଷ୍ଟ୍ରେସନ ଅଫ୍ ବାର୍ଥ ଆଣ୍ଡ ଡେଥ୍

ଜନ୍ମ ଓ ମୃତ୍ୟୁ ପଞ୍ଜିକରଣ ସଂଶୋଧନ ଆଇନ୍ ଆଜିଠାରୁ କାର୍ଯ୍ୟକାରୀ ହୋଇଛି । ୧୯୬୯ ମସିହାର ପୂର୍ବ ଆଇନ୍‌ର ସଂଶୋଧନ ମାଧ୍ୟମରେ ଏହି

ନୂତନ ଆଇନ୍ ପ୍ରସ୍ତୁତ କରାଯାଇଛି । ଜନ୍ମ ଓ ମୃତ୍ୟୁ ପଞ୍ଜିକରଣରେ ବିଳମ୍ବକୁ ପ୍ରତିହତ କରିବା ଏବଂ ସମୟାନୁଯାୟୀ ନାଗରିକଙ୍କୁ ପଞ୍ଜିକରଣ ଦିଗରେ ପ୍ରୋତ୍ସାହନ ପ୍ରଦାନ କରିବା ଏହି ସଂଶୋଧିତ ଆଇନ୍‌ର ମୁଖ୍ୟ ଉଦ୍ଦେଶ୍ୟ । ବିଳମ୍ବିତ କ୍ଷେତ୍ରରେ ପଞ୍ଜିକରଣ ପାଇଁ ଏହି ଆଇନ୍ ଅଧୀନରେ ନିର୍ଦ୍ଦିଷ୍ଟ ଅଧିକାରୀଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଛି । ତେବେ ବିଳମ୍ବିତ ପଞ୍ଜିକରଣ ପାଇଁ ଅନୁମତି ପ୍ରଦାନ ପୂର୍ବରୁ ଦାୟିତ୍ୱରେ ଥିବା ପଞ୍ଜିକରଣ ଅଧିକାରୀ ରିପୋର୍ଟର ସତ୍ୟତା ନେଇ ମଧ୍ୟ ଯାଞ୍ଚ କରିବେ । ଆଇନ୍ ଅଧୀନରେ ଜନ୍ମ ଓ ମୃତ୍ୟୁ ପଞ୍ଜିକରଣକୁ ବାଧ୍ୟତାମୂଳକ କରାଯିବା ସହ ଏହା ଅଧୀନରେ ପ୍ରଦାନ କରାଯାଉଥିବା ପ୍ରମାଣପତ୍ର ଆଇନ୍‌ଗତ ପରିଚୟ ପ୍ରଦାନ କରିବାରେ ବୈଧତା ସମ୍ପନ୍ନ ହୋଇପାରିବ । ଗତ ଅଗଷ୍ଟ ମାସରେ ମୌସୁମୀ ଅଧିବେଶନରେ ସଂସଦର ଉଭୟ ଗୃହରେ ଏହି ବିଧେୟକ ପାରିତ ହୋଇଥିଲା ।

## ହେଲ୍‌ଥ ମିନିଷ୍ଟର-ସ୍ୱଚ୍ଛତା କ୍ୟାମ୍ପେନ-ଇଣ୍ଟ୍ରୋ

ସ୍ୱଚ୍ଛତା ହିଁ ସେବା ୨୦୨୬ ଅଭିଯାନର ଏକ ଅଂଶସ୍ୱରୂପ ଦେଶବ୍ୟାପୀ 'ଏକ ଦିନ, ଏକ ଘଣ୍ଟା, ଏକ ସଙ୍ଗେ' କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ସ୍ୱଚ୍ଛତାକୁ ସୁନିଶ୍ଚିତ କରିବା, ପରିମଳ ବ୍ୟବସ୍ଥାରେ ଉନ୍ନତି ଏବଂ ଜନସାଧାରଣଙ୍କ ମଧ୍ୟରେ ସ୍ୱଚ୍ଛତା ଓ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ।

କାର୍ଯ୍ୟକ୍ରମରେ କେନ୍ଦ୍ର ମନ୍ତ୍ରିମଣ୍ଡଳର ବହୁ ସଦସ୍ୟ, ମୁଖ୍ୟମନ୍ତ୍ରୀ, ରାଜ୍ୟସ୍ତରୀୟ ମନ୍ତ୍ରୀ ଏବଂ ବରିଷ୍ଠ ପଦାଧିକାରୀମାନେ ଅଂଶଗ୍ରହଣ କରୁଛନ୍ତି । ଗତମାସ ୧୭ ତାରିଖରୁ ଆରମ୍ଭ ହୋଇଥିବା ଏହି ଅଭିଯାନ ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ଜାରି ରହିବ ।

ଏହି ଅବସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଆଜି ନୂଆଦିଲ୍ଲୀର କର୍ତ୍ତବ୍ୟ ଭବନ ନିକଟରେ ଏକ ଶ୍ରମଦାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି ।

## ହେଲ୍‌ଥ ମିନିଷ୍ଟର-ସ୍ୱଚ୍ଛତା କ୍ୟାମ୍ପେନ

‘ସ୍ୱଚ୍ଛତା ହିଁ ସେବା-୨୦୨୬’ ଅଭିଯାନ ଅଧୀନରେ ‘ଏକ ଦିନ୍, ଏକ ଘଣ୍ଟା, ଏକ ସାଥ୍’ ଶ୍ରମଦାନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ସ୍ୱାସ୍ଥ୍ୟ ଗବେଷଣା ତଥା ଭାରତୀୟ ଚିକିତ୍ସା ବିଜ୍ଞାନ ଅନୁସନ୍ଧାନ ପରିଷଦ - ଆଇସିଏମ୍ଆର୍‌ର ମହାନିର୍ଦ୍ଦେଶକ ଡକ୍ଟର ରାଜୀବ ବହଲ ଏବଂ ବିଭାଗର ଅନ୍ୟାନ୍ୟ ଅଧିକାରୀମାନେ ଏହି ଶ୍ରମଦାନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଛନ୍ତି । ଏହି ଅବସରରେ ଡକ୍ଟର ବହଲ ସ୍ୱଚ୍ଛତାକୁ ଏକ ନିରନ୍ତର ସାମୁହିକ ପ୍ରୟାସରେ ପରିଣତ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରିଛନ୍ତି । ଏଥିସହ ସେ ଆଖପାଖ ପରିବେଶକୁ ସ୍ୱଚ୍ଛ ଓ ସୁସ୍ଥ ରଖିବା ଦିଗରେ ସକ୍ରିୟ ଯୋଗଦାନ କରିବାକୁ ଅଧିକାରୀ ଓ ନାଗରିକମାନଙ୍କୁ ପରାମର୍ଶ ଦେଇଛନ୍ତି ।

ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, 'ସ୍ୱଚ୍ଛତା ହିଁ ସେବା ୨୦୨୬' ଅଭିଯାନର ଏକ ଅଂଶ ଭାବରେ ଏହି ସ୍ୱଚ୍ଛତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି, ଯାହା ଜନ ଭାଗିଦାରୀକୁ ସୁଦୃଢ଼ କରିବା ଏବଂ ସମଗ୍ର ଦେଶରେ ସ୍ୱଚ୍ଛତା ପ୍ରୟାସରେ ସକ୍ରିୟ ଭାବେ ଯୋଗଦାନ ଉପରେ ନାଗରିକମାନଙ୍କୁ ଉତ୍ସାହିତ କରିବାକୁ ଲକ୍ଷ୍ୟ ରଖିଛି ।

## ଇଣ୍ଡିଆ-ପୋଲାଣ୍ଡ ଟ୍ରେଡ୍

ଭାରତ ସହିତ ଅଧିକ ଦୃଢ଼ ଓ ସ୍ଥିର ଅର୍ଥନୈତିକ ତଥା ବାଣିଜ୍ୟିକ ସମ୍ପର୍କ ସ୍ଥାପନ ପାଇଁ ପୋଲାଣ୍ଡ ଆହ୍ୱାନ ଦେଇଛି, ପୋଲାଣ୍ଡର ଅର୍ଥମନ୍ତ୍ରୀ ଆନ୍ଦ୍ରେଜ୍ ଡୋମାନସ୍କି ଭାରତକୁ ଏକ ବୈଷୟିକ, ଅର୍ଥନୈତିକ ଏବଂ ଗୁରୁତ୍ୱପୂର୍ଣ୍ଣ ସହଯୋଗୀ ଭାବେ ବର୍ଣ୍ଣନା କରିଛନ୍ତି । ବିଭିନ୍ନ ରିପୋର୍ଟ ଅନୁଯାୟୀ ଡୋମାନସ୍କି କହିଛନ୍ତି, ପୋଲାଣ୍ଡ ଭାରତକୁ ଏକ ପ୍ରମୁଖ, ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି ଏବଂ ଏକ ଗଣତାନ୍ତ୍ରିକ ଦେଶ ଭାବେ ଦେଖୁଛି; ଯାହାସହିତ ଏହା ଦୀର୍ଘକାଳୀନ ବାଣିଜ୍ୟକ ସମ୍ପର୍କ ଗଢ଼ିବାକୁ ଚାହୁଁଛି ବୋଲି ସେ କହିଛନ୍ତି । ମିଲ୍ୱାକିଠାରେ ଆୟୋଜିତ ଜି-୨୦ ବାଣିଜ୍ୟ ମନ୍ତ୍ରିମାନଙ୍କ ବୈଠକ ଅବସରରେ ପୋଲାଣ୍ଡର ମନ୍ତ୍ରୀ କହିଛନ୍ତି, ୱାର୍ସ ଚାହୁଁଛି, ପୋଲାଣ୍ଡ, ୟୁରୋପୀୟ ସଂଘ ଏବଂ ଭାରତ ପରସ୍ପରର ଅତି ନିକଟତର ବାଣିଜ୍ୟିକ ଅଂଶୀଦାର ହୁଅନ୍ତୁ ।

ସୂଚନାଯୋଗ୍ୟ ୨୦୨୪ ଅଗଷ୍ଟ ମାସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୱାର୍ସ ଗସ୍ତ ଅବସରରେ ଭାରତ ଏବଂ ପୋଲାଣ୍ଡ ସେମାନଙ୍କର ସମ୍ପର୍କକୁ ରଣନୈତିକ ସହଭାଗିତାକୁ ଉନ୍ନୀତ କରିଥିଲେ ।

# ଏସୀୟ କ୍ରୀଡ଼ା

ଏସୀୟ କ୍ରୀଡ଼ା ପ୍ରତିଯୋଗିତାରେ ପୁରୁଷ ତୀରଚାଳନା ଏକକ ବର୍ଗରେ ଭାରତର ଗଣେଶ ମଣିରତ୍ନମ୍ ଥିରୁମୁରୁ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ଗତକାଲିର ସ୍ୱର୍ଣ୍ଣପଦକ ବିଜେତା ମିଳିତ ପୁରୁଷବର୍ଗରେ ମଧ୍ୟ ଶ୍ରୀ ଗଣେଶ ଜଣେ ସଦସ୍ୟ ଥିଲେ ।

ସ୍କ୍ୱାସ୍ ପ୍ରତିଯୋଗିତାରେ ଭାରତୀୟ ମହିଳା ଦଳ ସେମିଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି । ସିପକ୍ ଟ୍ରାକୋ ବର୍ଗରେ ଭାରତୀୟ ପୁରୁଷ ଦଳ ସେମିଫାଇନାଲ ପର୍ଯ୍ୟାୟରେ ପହଞ୍ଚିଛି । ପୁରୁଷ ସ୍କିପ୍ ପ୍ରତିଯୋଗିତାରେ ଭାରତର ମନୁ ଫ୍ରାନ୍ସିସ୍ ଏବଂ ପ୍ରିନ୍ସ କୁରିସିଙ୍କଲ ନୋବେଲ ରୌପ୍ୟ ପଦକ ହାସଲ କରିଛନ୍ତି । କ୍ରିକେଟ୍‌ରେ ଭାରତୀୟ ପୁରୁଷ ଦଳ ଶ୍ରୀଲଙ୍କାକୁ ୧୨୪ରନ୍‌ରେ ପରାସ୍ତ କରି ଫାଇନାଲ ପର୍ଯ୍ୟାୟରେ ପହଞ୍ଚିଛି । ଏସୀୟ ଟାଇଟଲ ହାସଲ ପାଇଁ ଭାରତ-ପାକିସ୍ତାନ ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯିବ ।